


**ଭୁବନେଶ୍ୱର, ୨୦୨୫, ସେପ୍ଟେମ୍ବର ୧୯**

# ଜୀବନ ମୂଲ୍ୟବୋଧର ମୂଲ୍ୟାଙ୍କନ


ଡକ୍ଟର ସୁରେଶ କୁମାର ନାୟକ

ଜୀବନର ପ୍ରତିଟି କ୍ଷଣ ହିଁ ଯେତିକି ଆନନ୍ଦମୟ ସେତିକି କୃପାପୂର୍ଣ୍ଣ କିନ୍ତୁ ଆହ୍ୱାନ ଭରା । ଜୀବନରେ ଧର୍ମ ସାଧନ ପାଇଁ ସେପରି ନିର୍ଦ୍ଦିଷ୍ଟ ସମୟର ଅବଧି ନାହିଁ । ଏହି ଛୋଟିଆ ଆଲୋଚନାଟି ରଖିଲା ବେଳେ ଭକ୍ତକବି ମଧୁସୂଦନଙ୍କ ଅମୃତମୟ ଧାଡ଼ିଟି ଏଠାରେ ଉଦ୍ଧୃତ କରୁଛି - 'ବାଲ୍ୟ କାଳୁ ଧର୍ମ, ଧନ ମୁଁ ସଂଚି ଏ ଜୀବନ ଅନିଶ୍ଚିତ । କେ ଜାଣେ କାହାର ଆଜି ମୃତ୍ୟୁକାଳ ହୋଇଯିବ ଉପସ୍ଥିତ । କ୍ଷୁଦ୍ର କଟ ଉଇ ଅଳ୍ପ ଅଳ୍ପ କରି ରଚଇ ବାଲ୍ମୀକ ଘର, ମୁହିଁ ସେହିପରି ସଂଚି ଯତନେ ପୁଣ୍ୟ ଧନ ନିରନ୍ତ । ସର୍ବ ଅଧିପତି ସର୍ବ ଅନ୍ତର୍ଯ୍ୟାମୀ ସର୍ବ ଶୁଭବୁଦ୍ଧି ଦାତା, ଧର୍ମର ଆକର ଅଟନ୍ତି ଈଶ୍ୱର ସର୍ବ ଭୁବନ ବିଧାତା ।'

ଟିକିଏ ନିରୀଖେଇ ଚିନ୍ତା କରନ୍ତୁ । ଯେତେବେଳେ ଆପଣଙ୍କ ଜୀବନରେ ଦୁର୍ଦ୍ଦିନ ଆସେ, ସେତେବେଳେ ଆମ୍ଭମାନଙ୍କର କଣ ହୁଏ ତାହା ନୁହେଁ, ଦୁର୍ଦ୍ଦିନକୁ ଆମ୍ଭେମାନେ କେମିତି ମୁକାବିଲା କରିପାରୁଛନ୍ତି ତାହା ହିଁ ଗୁରୁତ୍ୱପୂର୍ଣ୍ଣ । ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ନ ଯାଇ, ତାକୁ ସକାରାତ୍ମକ ଭାବେ ଗ୍ରହଣ କରିବା ହିଁ ଜୀବନ ଧର୍ମ । ମନେରଖନ୍ତୁ, ବିପରୀତ ପରିସ୍ଥିତିରେ ବେଳେ ବେଳେ ଏହି ସବୁ ପ୍ରଶ୍ନର ପ୍ରାସଙ୍ଗିକତା ରହିଛି, ଯେମିତିକି ନିକଟରେ ସୃଷ୍ଟି ହୋଇଥିବା ପ୍ରତିବନ୍ଧକୁ ମୁଁ କେଉଁ ଦୃଷ୍ଟିରେ ଦେଖୁଛି ? ଦୁର୍ଦ୍ଦିନର କେମିତି ମୁକାବିଲା କରୁଛି ? ଦୁଃଖ ସମୟରେ ମୁଁ ମୋର ମାନସିକ ଆବେଗକୁ କିଭଳି ଭାବରେ ନିୟନ୍ତ୍ରଣ କରୁଛି ? ମୋ ସହିତ ଘଟୁଥିବା ଘଟଣା ପ୍ରବାହକୁ କାହାଣୀ ଭାବରେ ନେଇ ନିଜକୁ ନିଜେ କଣ କହୁଛି ? ଉତରରେ ପାଇଯିବେ ସବୁ ସମସ୍ୟାର ସମାଧାନର ମାର୍ଗ । ପ୍ରଥମେ ନିଜ ଭାବନା ଶକ୍ତିକୁ ନିୟନ୍ତ୍ରଣ କରନ୍ତୁ । ମନେରଖନ୍ତୁ ବିପଦ ଯେତିକି କଠିନ ସେଠୁ ମୁକୁଳିବା ଫଳାଫଳ ସେତିକି ଗୌରବମୟ । ପ୍ରତ୍ୟେକଟି ପ୍ରତିକୂଳ ପରିସ୍ଥିତିକୁ ସୁଯୋଗ ଭାବରେ ଧରି ନିଅନ୍ତୁ । ନିଜ ଉପରେ ବିଶ୍ୱାସ ରଖନ୍ତୁ । ଦୁଃଖ ଜୀବନରେ ଅପରିହାର୍ଯ୍ୟ ଏବଂ ଏହା ଯେ ଏକ ଅବିଚ୍ଛେଦ୍ୟ ଅଂଶ, ଏହି ସତ୍ୟକୁ ଗ୍ରହଣ କରି ନିଅନ୍ତୁ । ଜୀବନଟି ଯେ କର୍ମମୟ ସେ ସମ୍ପର୍କରେ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ବାଣୀଟି ମନେପଡ଼ି ଯାଉଛି - 'ଏ ଜଗତ ସର୍ବ କର୍ମର ଆୟତ, କର୍ମ ସୁଖ ଦୁଃଖ ହେତୁ । କର୍ମ କରେ ସ୍ୱର୍ଗ, ନରକ ରଚନା ଭୋଗ ଜାତ କର୍ମ କ୍ଷେତ୍ରୁ । ସୁଖ ଦୁଃଖ ନୁହେଁ ଏ ଜୀବନ ଲକ୍ଷ୍ୟ । ଏକା କର୍ତବ୍ୟ ସାଧନ । ମାନବ ଜୀବନ ଅର୍ଣ୍ଣବ ତରଣେ ହୁଅଇ ସିନା କାରଣ ।'

ଜୀବନରେ ବିପଦର ମୁକାବିଲା ପାଇଁ ଆଗକୁ ପ୍ରସ୍ତୁତ ହୋଇ ରହି ପାରିବାକୁ ସମର୍ଥ ହୋଇପାରିବା । ଆମେ ଯଦି ନିରାଶାବାଦୀ ହେବା ଓ ଶକ୍ତିହୀନ ମନେ କରିବା ତାହାହେଲେ ସମସ୍ୟାରୁ ମୁକୁଳିବାର ସବୁ ରାସ୍ତା ଆପେ ଆପେ ବନ୍ଦ ହୋଇଯିବ । ତେଣୁ ଆମେ ମାନେ ବିଶ୍ୱାସ ରଖିବା ଯେ ଆଗକୁ ବଢ଼ିବାର ସବୁ ରାସ୍ତା ଖୋଲିବାର କ୍ଷମତା ଆମ ମାନଙ୍କ ପାଖରେ ଅଛି । ଯେତେବଡ଼ ସମସ୍ୟା ଆସୁନା କାହିଁକି ବିଚଳିତ ନ ହୋଇ ଶାନ୍ତରେ ରହିବା ଏବଂ ଧରି ନିଅନ୍ତୁ କାହାଣୀରେ ଏକ ମୋଡ଼ ଆସିଲା, ଟନେଲ ଶେଷରେ ଆଲୁଅ ରହିଛି ଏବଂ ଏହି ସମୟ ମଧ କଟିଯିବ । ଦ୍ୱିତୀୟ ମନ୍ତ୍ର ହେଲା ନିଜ ଆଚରଣ ଓ ବ୍ୟବହାରକୁ ସଠିକ ମାର୍ଗରେ ପରିଚାଳନା କରନ୍ତୁ । ଯେତେବେଳେ କଠିନ ସମୟ ଦେଇ ଗତି କରୁଛନ୍ତି ଦୁଃଖ, ଶୋକ, ଅବସାଦରେ ସମୟ ନଷ୍ଟ କରନ୍ତୁନି । ମାନସିକ ଆବେଗ ସବୁକୁ ନିୟନ୍ତ୍ରଣରେ ରଖନ୍ତୁ ଏବଂ କେବଳ ସେହି ସବୁ କାମ କରନ୍ତୁ, ଯାହା କରିବା ନିହାତି ଦରକାର । ମନୋବଳକୁ ଦୃଢ଼ କରନ୍ତୁ । ଶକ୍ତ ହୁଅନ୍ତୁ । ଲକ୍ଷ୍ୟ ହାସଲ ପାଇଁ ନିରବଚ୍ଛିନ୍ନ ଭାବେ ଉଦ୍ୟମ ଜାରି ରଖନ୍ତୁ । ଯେଉଁ ସବୁ କ୍ଷେତ୍ର ଆପଣଙ୍କ ନିୟନ୍ତ୍ରଣରେ ଅଛି, ତାର ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କରନ୍ତୁ । ଅତୀତରେ ଯେଉଁ ସବୁ କଠିନ ସମୟ ଅତିକ୍ରମ କରି ଆଗକୁ ବଢ଼ିଛନ୍ତି, ସେ ସବୁକୁ ମନେ ପକାନ୍ତୁ । ଆପଣଙ୍କ ଭିତରେ ଧୈର୍ଯ୍ୟ, ଆତ୍ମଶକ୍ତି ଓ ଆତ୍ମବିଶ୍ୱାସ ଜାଗ୍ରତ ହେବ । ଛୋଟମୋଟ ବିଫଳତାରୁ ଆପଣ ନିଜକୁ ଚିହ୍ନି ପାରିବେ, ନିଜ ଦୁର୍ବଳତାକୁ ଜାଣିବେ । ଲେଖକ ମାୟା ଆଞ୍ଜେଲୋ ଏକ ସାକ୍ଷାତକାରରେ କହିଥିଲେ 'ଆମକୁ ହୁଏତ ଅନେକ ପରାଜୟର ସାମ୍ନା କରିବାକୁ ପଡ଼ିପାରେ କିନ୍ତୁ ଯେ କୌଣସି ପରିସ୍ଥିତିରେ ବି ମାନସିକ ସ୍ତରରେ ପରାଜିତ ହେବନାହିଁ । ତେଣୁ ପରାଜୟକୁ ସ୍ୱୀକାର କରନ୍ତୁନି । ପ୍ରତ୍ୟେକ ପରିସ୍ଥିତିରେ ଏକ ବିଜୟୀର ମନୋଭାବ ପୋଷଣ କରନ୍ତୁ ।' ଯାହା ନିଜ ନିୟନ୍ତ୍ରଣରେ ନାହିଁ ତାହା ଗ୍ରହଣ କରି ନିଅନ୍ତୁ । ନିଜ ସୀମା ସରହଦକୁ ପାଥେୟ କରି ଆଗକୁ ବଢ଼ନ୍ତୁ । ଯଦି ଡେଣା ନାହିଁ, ସ୍ୱପ୍ନରେ ବିଭୋର ହୋଇ ଆକାଶରେ ଉଡନ୍ତୁ । ଆପଣଙ୍କ ସାମ୍ନାରେ ଅନନ୍ତ ଆକାଶ । ନିଜର କର୍ମ, ନିଜର ନିଷ୍ପତି ଓ ତାରି ଉପରେ ଆଧାରିତ ଫଳାଫଳ ପାଇଁ ନିଜକୁ ହିଁ ଦାୟୀ କରନ୍ତୁ । ବିପଦ ସାମ୍ନାରେ ଠିଆ ହୋଇ, କଠିନ ପରିସ୍ଥିତିର ଆଲିଙ୍ଗନରେ ଅଣନିଶ୍ୱାସୀ ନହୋଇ ଆନନ୍ଦ ଉଚ୍ଛ୍ୱସିତ ବିଜୟର ନିଆରା ଅନୁଭୂତି ଅନୁଭବ କରନ୍ତୁ ।

ଏହି ତିନିଟି ମନ୍ତ୍ରକୁ ପାଥେୟ କରି ଜୀବନର ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିକୁ ଆପଣ ମୁକାବିଲା କରିପାରିବେ । କୁରୁକ୍ଷେତ୍ର ରଣାଙ୍ଗନରେ ବିଷାଦଗ୍ରସ୍ତ ଅର୍ଜ୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ ବୁଝାଇବାକୁ ଯାଇ କହିଥିଲେ - 'କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ । କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତିଷ୍ଠ ପରନ୍ତପ ।' ସବୁ ସ୍ତରରେ ଦୁର୍ବଳତାକୁ ତ୍ୟାଗ ପୂର୍ବକ ମାନସିକ ଭାବରେ ଦୃଢ଼ ହୁଅନ୍ତୁ । ପ୍ରତିକୂଳ ପରିସ୍ଥିତି ଆପଣଙ୍କୁ ପୁଣିଥରେ, ଜୀବନର ମୂଲ୍ୟବୋଧର ମୂଲ୍ୟାଙ୍କନ କରିବାର ସୁଯୋଗ ଦେବ । ଲକ୍ଷ୍ୟହୀନ ଭାବେ ମାଡ଼ି ଚାଲିଥିବା ଜୀବନର ଧାରାକୁ ସଠିକ ମାର୍ଗଦର୍ଶନ ପାଇଁ ଜୀବନର ମୋଡ଼ ବଦଳାନ୍ତୁ । ଆପଣଙ୍କ ଆଗରେ ଆଶାର ଅସରନ୍ତି ଆଲୋକ, ତାକୁ କୋଳେଇ ନିଅନ୍ତୁ । ଆପଣ ପବନର ଗତି ହୁଏତ ବଦଳାଇ ପାରିବେନି କିନ୍ତୁ ପବନର ତାଳ ଦେଇ ଜୀବନ ନୌକାର ଦିଗ ନିଶ୍ଚିତ ଭାବରେ ନିର୍ଦ୍ଧାରଣ କରିପାରିବେ । ଜୀବନରେ ମୂଲ୍ୟବୋଧ ଓ ଆଧ୍ୟାତ୍ମିକତାର ଉତ୍ସ ହେଉଛି ତ୍ୟାଗ ଓ ପରହିତ ପାଇଁ ସମର୍ପିତ ଉତ୍ସର୍ଗୀକୃତ ପ୍ରାଣ । ଏହି ମର୍ମରେ ପଣ୍ଡିତ ଗୋପବନ୍ଧୁଙ୍କ ଅମୃତ ବାଣୀଟି ଉଲ୍ଲେଖ କରୁଛି - 'ପରହିତେ ପ୍ରାଣ ଉତ୍ସର୍ଗୀ ପୁରୁଷେ କେତେ କେତେ ମହାଜନ । ଲଭିଛନ୍ତି ତ୍ୟାଗେ, ପରାଣ ପୂର୍ଣ୍ଣତା ମରଣେ ନିତ୍ୟ ଜୀବନ । ଭୁବନ ବିଦିତ ଦଧୀଚ ଚରିତ, ପୁରାଣେ ତ ଅଛ ଶୁଣି । କହି ସ୍ୱସ୍ତି ସ୍ୱସ୍ତି ଦେଲେ ନିଜ ଅସ୍ଥି, ବିଶ୍ୱ ହିତେ ମହାମୁନୀ । ନ ହୋଇ ବ୍ୟାକୁଳ ଗ୍ରାମ ହିତେ କୁଳ, ବରଜନ୍ତି ସାଧୁଜନ । ଦେଶହିତେ ଗ୍ରାମ ଜଗତେ କଲ୍ୟାଣେ କର ଦେଶ ବିସର୍ଜନ ।'

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ*

# ଲିଭର ଓ ଫାଇବ୍ରୋସ୍କାନ୍

ଲିଭର ବା ଯକୃତ (କଲିଜା) ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି । ପେଟଭିତର ମଧ ଭାଗର ଡାହାଣ ପଟକୁ ମଧ୍ୟଛଦାର ଠିକ୍ ତଳକୁ ଯକୃତ ରହିଥାଏ । ପଞ୍ଜରାହାଡ଼ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ରହିଥାଏ । ଏହାର ଲମ୍ବ ୨୦ସେ.ମି., ଓସାର ୧୬ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା । କଲିଜା ହେଉଛି ଶରୀରର ଏକ ରାସାୟନିକ ବିଜ୍ଞାନାଗାର । ଏକ ସମୟରେ ଏହା ବହୁତ ପ୍ରକାରର ରାସାୟନିକ କାର୍ଯ୍ୟ କରିଥାଏ । ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ (ଲୋହିତ ରକ୍ତ କଣିକା ମଧରେ ଥିବା ଲୌହ ଓ ପୁଷ୍ଟିସାର ଅଂଶ) ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ ହେବା ପାଇଁ ଉପାଦାନ ସୃଷ୍ଟି କରିଥାଏ । ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ୍ ତାହା ଯକୃତରେ ହିଁ ତିଆରି ହୁଏ । ପିତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧକୁ ପ୍ରବେଶ କରିବା ସମୟରେ ପିତନଳୀ ଭିତରୁ ପିତତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ । ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଂଚୟ କରି ରଖେ । ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ ।

ଯକୃତ ବା କଲିଜାରେ ତନ୍ତୁ ଜମିଗଲେ ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ । ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ । ଏହି ସୂତ୍ରତନ୍ତୁମୟତାକୁ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମାପିବା ପାଇଁ ଲିଭରରୁ ଜୀବନ୍ତତନ୍ତୁ ନେଇ ପରୀକ୍ଷା କରାଯାଏ । ଏକ ଛୁଞ୍ଚ ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ । କିନ୍ତୁ ଏହା ଏକ କଷ୍ଟକର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧମରେ ରୋଗୀ ଅଧିକ କଷ୍ଟପାଏ । ତେଣୁ ଲିଭରକୁ କ୍ଷତି ନକରି ବା କୌଣସି ପ୍ରକାର ଛୁଞ୍ଚ ଦ୍ୱାରା ଜୀବନ୍ତ ତନ୍ତୁ ନ ନେଇ ଫାଇବ୍ରୋସ୍କାନ ମାଧମରେ ଏହି ସୂତ୍ରତନ୍ତୁମୟତାକୁ ମାପିହେବ । ଏହା ଏକ ଅତ୍ୟଧିକ ସୂକ୍ଷ୍ମମାନର ଯନ୍ତ୍ର । ଅଲଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ ଏକ ଶଳାକା ଥାଏ ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଲିଜାର କଠିନତା ସମ୍ବନ୍ଧରେ ମାପିହୁଏ । କମ୍ପ୍ୟୁଟର ମାଧମରେ ଏହି ତଥ୍ୟକୁ ପର୍ଯ୍ୟବେକ୍ଷଣ କଲାପରେ ପରଦାରେ ଏହାର ମାନ ଲିଖିତ ଆକାରରେ ଦେଖାଯାଏ । ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ । ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ । ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରୀ । ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ । ଯେଉଁମାନଙ୍କର ହୃତ୍‌ପିଣ୍ଡରେ ପେସ୍‌ମେକର ବା ଗତିଚାଳକ ଲାଗିଛି ବା ଗର୍ଭବତୀ ମହିଳାମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ । ଫାଇବ୍ରୋସ୍କାନିଂ ମାଧମରେ ପେଟର ଅନ୍ୟାନ୍ୟ ଅଙ୍ଗ ଯଥା ଅଗ୍ନ୍ୟାଶୟ, ପ୍ଲୀହା, ଜରାୟୁ ଓ ଖାଦ୍ୟନଳୀ ପରୀକ୍ଷା ହୋଇପାରେ ନାହିଁ । ଯକୃତର ଜଟିଳତା ବ୍ୟତୀତ ଅନ୍ୟ କୌଣସି ଅଙ୍ଗକୁ ପରୀକ୍ଷା କରିବା ଏହି ଫାଇବ୍ରୋସ୍କାନରେ ସମ୍ଭବ ନୁହେଁ । ଏହି ଫାଇବ୍ରୋସ୍କାନିଂ ମାଧମରେ ଯକୃତର ତନ୍ତୁମୟତା ବା ଜଟିଳତା ଜଣା ପଡ଼ିଲେ ରୋଗୀ ସହଜରେ ସଚେତନ ହୁଏ । ତନ୍ତୁମୟତା ଯେତେ ବେଶୀ ହୁଏ ଲିଭରର କର୍ମ କ୍ଷମତା ମଧ ସେତେ ପରିମାଣରେ ବ୍ୟାହତ ହୁଏ ଓ ଧୀରେ ଧୀରେ ଏହା ସିରୋସିସ୍ ରୋଗରେ ଆକ୍ରାନ୍ତ ହୁଏ । ଜନସାଧାରଣଙ୍କର ସଚେତନତା ବୃଦ୍ଧି ହେଲେ ସେମାନେ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟରୁ ବିରତ ଓ ହେପାଟାଇଟିସ୍ ସଂକ୍ରମଣ ସମ୍ବନ୍ଧର ଚିକିତ୍ସା କରିବାକୁ ଆଗେଇ ଆସନ୍ତି । ସହଜ ପାଚ୍ୟ ନିରାମିଷ ଖାଦ୍ୟ ଓ କିଛି ସମୟ ବ୍ୟାୟାମ ମାଧମରେ ଲିଭରର ସ୍ୱାସ୍ଥ୍ୟ ମଧ ରକ୍ଷା କରିହେବ ।

ଅବସର ପ୍ରାପ୍ତ ପ୍ରଫେସର, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

# ସ୍ୱାସ୍ଥ୍ୟକୁ ସଞ୍ଜିବନୀ : ଉଷୁମ ପାଣି

ମା'ଦଶଭୁଜାଙ୍କ ପାର୍ବଣର ଆଗମନ ପୂର୍ବରୁ ଲଗାଣ ବର୍ଷା ନେଇ ସମ୍ଭାବନୀର ଆକଳନ ବଢ଼ିଛି । ପ୍ରାୟତଃ କୌଣସି ପାର୍ବଣ ଭିତରେ ବର୍ଷା କେବଳ ମଜାମସ୍ତି ବା ଦେବୀ ଦୁର୍ଗାଙ୍କ ଦର୍ଶନକୁ ବାଧାପ୍ରାପ୍ତ କରିନଥାଏ ବରଂ ଅନେକ ପ୍ରକାର ପରିପାର୍ଶ୍ୱିକ କାରଣରୁ ସ୍ୱାସ୍ଥ୍ୟଗତ ସମସ୍ୟା ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ । ଦଶହରା ପରେ ଶୀତ ଦିନ ଆସିଥାଏ । ତେବେ ଏ ସବୁ ଭିତରେ ଲଗାଣ ବର୍ଷା ଓ ଲଘୁଚାପ ସମସ୍ୟା ଭିତରେ ନିଜ ଦୈନନ୍ଦିନ ରୁଟିନ ଭିତରେ ଉଷୁମ ପାଣିର ଗ୍ରହଣୀୟତାକୁ ଅଗ୍ରାଧିକାର ଭାବେ ବୁଝନ୍ତୁ । ପ୍ରାୟତଃ ଅସ୍ୱାଭାବିକ ଜନିତ ଓ ପାଣିପାଗର ଆକସ୍ମିକ ବର୍ଷା ସମ୍ଭାବନା ଭିତରେ ଉ□ମ ଶରୀର ପାଇଁ ଉଷୁମ ପାଣିର ଅନିର୍ବାଯ୍ୟତା ଗୁରୁତ୍ୱପୂର୍ଣ୍ଣ । ସୁସ୍ଥ ଶରୀର ପାଇଁ ଦିନକୁ ୩-୪ ଲିଟର ପାଣି ଆବଶ୍ୟକ । ଏହା ସାଙ୍ଗକୁ ସକାଳୁ ଏକ ଲିଟରରୁ କମ (ସର୍ବନିମ୍ନ ଏକ ଗ୍ଲାସ) ଉଷୁମ ପାଣି ଶରୀରର ଯାବତୀୟ ସମସ୍ୟାକୁ ଦୂର କରି ଏକଦମ୍ ଫିଟ ରଖିବାରେ ସହାୟକ ହୋଇଥାଏ । ଏଥିପାଇଁ କୌଣସି ଖର୍ଚ୍ଚାନ୍ତ ହେବାକୁ ପଡ଼ିବନି କି ପରିଶ୍ରମ କରିବାକୁ ପଡ଼ିବନି । କେବଳ ଦୁଇ ମିନିଟ ପାଣି ଉଷୁମ କରି ଏହାକୁ ପିଇବେ ଆଉ ସୁସ୍ଥ ରହିବେ । ଉଷୁମ ପାଣିରେ କି କି ସମସ୍ୟା ଦୂର ହୋଇପାରିବ ଏବେ ଜାଣିବା...

ପାଚନ କ୍ରିୟା ସୁଦୃଢ଼ : ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଲିଭର ବା ଯକୃତ । ଏହା ଖାଦ୍ୟ ହଜମ କରିବା ସହ ପାଚନ କ୍ରିୟାକୁ ତ୍ୱରାନ୍ୱିତ କରିଥାଏ ତେବେ ଖାଦ୍ୟ ବଦହଜମି ଜନିତ ସମସ୍ୟା ଥିଲେ ଉଷୁମ ପାଣି ପାଚନ କ୍ରିୟାର ଗ୍ରନ୍ଥୀକୁ ତ୍ୱରାନ୍ୱିତ ଓ ସୂଚାରୁରୂପେ କାର୍ଯ୍ୟ କରିବା ପାଇଁ ସାମର୍ଥ୍ୟ ଯୋଗାଇଥାଏ । ନିତିଦିନିଆ ସକାଳ ରୁଟିନରେ ନିଶ୍ଚିନ୍ତ ଭାବରେ ଉଷୁମ ପାଣି ଏକ ହାତ ପାଖର ମହୌଷଧି କହିଲେ ଅତ୍ୟୁକ୍ତି ହେବନାହିଁ । ଉଷୁମ ପାଣି ଦ୍ୱାରା ଛାତିର ଜଳାପୋଡ଼ା ସମସ୍ୟା ଦେଖା ଦେଇନଥାଏ ଏବଂ ପାଚନ କ୍ରିୟା ପାଇଁ ଏକ ସୁରକ୍ଷା ବଳୟ ଉଷୁମ ପାଣି ଯେ କରିଥାଏ ତାହା ଅନେକ ଜାଣିନଥାନ୍ତି ।

ଉତମ ଶ୍ୱାସକ୍ରିୟା : ଶ୍ୱାସକ୍ରିୟା ନଳୀକୁ ସଫା ରଖିବାରେ ଉଷୁମ ପାଣି ସହାୟକ ହୋଇଥାଏ । ଥଣ୍ଡାରୁ କଫ ଜମି ଶ୍ୱାସକ୍ରିୟାରେ ଅସୁବିଧା ହେଲେ ଉଷୁମ ପାଣି ପିଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଯାଏ । ଉଷୁମ ପାଣି ବଦଳରେ ମଧ କଢ଼ା କରି ପିଇପାରିବେ । ଗଳା ଜନିତ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଲୁଣ ମିଶା ଉଷୁମ ପାଣି ଗର୍ଗଲିଂ କରନ୍ତୁ । ତେବେ ଶୋଇବା ପୂର୍ବରୁ ରାତିରେ ଏହି ଅଭ୍ୟାସ କେବଳ ଶରୀରକୁ ଆରାମ ଦେଇନଥାଏ ବରଂ ଆପଣଙ୍କ ନିଦ୍ରାକୁ ଏକ ନିଶ୍ଚିନ୍ତ ଆନନ୍ଦମୟ କରିବା ସହ ଶ୍ୱାସକ୍ରିୟାରେ କୌଣସି ସମସ୍ୟା ସୃଷ୍ଟି କରିବାର ସୁଯୋଗ ଦେଇନଥାଏ ।

ଓଜନ ହ୍ରାସ : ବର୍ତମାନ ସମୟରେ ଶରୀରର ମୋଟାପଣକୁ ନେଇ ଅନେକଙ୍କ ପରିବାରରେ ସମସ୍ୟା ରହିଛି । କେହି ନା କେହି ବର୍ତମାନର କୁହାଯାଉଥିବା ବହୁଳ ଆଦୃତ ମୋଟାପା ସମସ୍ୟାକୁ ନେଇ ବ୍ୟକ୍ତିଗତ ଜୀବନରେ ଅନେକ ଅସହଜ ସାମ୍ନା କରୁଛନ୍ତି । ଅନେକ ରାତାରାତି ଓଜନ ହ୍ରାସ ପାଇଁ ଅନ୍ୟ ମାନଙ୍କ


ଡାକ୍ତର ଗୁରୁପଦ ମିଶ୍ର

ପ୍ରରୋଚନାରେ ନାନାଦି ଠକାମୀର ମଧ ଶିକାର ହେଉଛନ୍ତି । ତେବେ ଶରୀରର ଓଜନ କମ କରିବା ପାଇଁ ଡାଏଟିଂରେ ଉଷୁମ ପାଣିକୁ ନିଶ୍ଚିନ୍ତ କରନ୍ତୁ । ଶରୀରର ସାମାନ୍ୟ ତାପମାତ୍ର ବଢ଼ାଇବାରେ ଉଷୁମ ପାଣି ସହଯୋଗ କରିବା ସହ ଶରୀରରେ ମେଟାବୋଲିକ୍ ସ୍ତରକୁ ବଢ଼ାଇଥାଏ । ଯାହାଦ୍ୱାରା ମେଟାବୋଲିକ୍ ସ୍ତର ବଢ଼ିବା ସହ ଶରୀରରୁ ଅଧିକ କ୍ୟାଲୋରୀ ହ୍ରାସ ପାଏ । ସକାଳୁ ଉଷୁମ ପାଣିରେ ଲେମ୍ବୁରସ ମିଶାଇ ପିଇବା ଦ୍ୱାରା ଚର୍ବି ହ୍ରାସ ହୋଇଥାଏ, ଏଥିରେ ମହୁ ମଧ ମିଶାଇ ପାରିବେ । ଏକ୍ସରସାଇଜ ଓ ଯୋଗ କରିବା ଦ୍ୱାରା ଓଜନ ହ୍ରାସ ହୋଇଥାଏ ସତ ହେଲେ ଏହାସହିତ ଉଷୁମ ପାଣି ପିଇବା ଦ୍ୱାରା ଚର୍ବି ଶୀଘ୍ର ହ୍ରାସ ହୋଇ ଓଜନ କମିଯାଏ ।

କୋଷ୍ଠକାଠିନ୍ୟ ଦୂର : ସକାଳୁ ଖାଲି ପେଟରେ ପ୍ରତିଦିନ ଉଷୁମ ପାଣି ପିଇଲେ ଅନ୍ତତନ୍ତ୍ର କାର୍ଯ୍ୟକାରୀ ହୋଇଥାଏ ଫଳରେ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଯିବ । ଅଳ୍ପ ପାଣି ପିଇବା ଯୋଗୁଁ କୋଷ୍ଠକାଠିନ୍ୟ ପରି ସମସ୍ୟା ଦେଖାଯାଏ । ଉଷୁମ ପାଣି ପିଇବା ଦ୍ୱାରା ପେଟରେ ଥିବା ମଇଳା ନମନୀୟ ହୋଇ ବାହାରିଯାଏ । ଉଷୁମ ପାଣି ପିଇବା ଦ୍ୱାରା ମଧ ହଜମ କ୍ରିୟା ସୂଚାରୁ ରୂପେ ହୋଇଥାଏ । ଉଷୁମ ପାଣିରେ ଲେମ୍ବୁ ଓ ମହୁ ମିଶାଇ ପିଇଲେ ବହୁତ ଭଲ ।

ନାକ ଖୋଲିଯାଏ : ଥଣ୍ଡା ହୋଇଥିଲେ ନାକ ବନ୍ଦ ହୋଇଯାଏ । ପ୍ରଶ୍ୱାସ ଠିକ୍ ଭାବରେ ନେଇ ହୁଏ ନାହିଁକି ନିଶ୍ୱାସ ଠିକ୍ ଭାବରେ ଛାଡ଼ି ହୁଏନାହିଁ । ଥଣ୍ଡାରୁ ନାକରେ ପାଣି ଜମାଟ ବାନ୍ଧେ । ଏପରି ସ୍ଥଳେ ଉଷୁମ ପାଣି ପିଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଯାଏ । ଉଷୁମ ପାଣି ପିଇବା ଦ୍ୱାରା ନାକରେ ଜମାଟ ବାନ୍ଧିଥିବା ସିଙ୍ଗାଣି ଖୋଲିଯାଏ । ମଇଳା ମଧ ବାହାରି ଯାଏ । ଏହାଦ୍ୱାରା ନିଶ୍ୱାସ ପ୍ରଶ୍ୱାସ ଠିକ୍ ଭାବରେ ଚାଲିଥାଏ ।

ବିଷାକ୍ତ ଦ୍ରବ୍ୟ ଦୂର : ଉଷୁମ ପାଣି ପିଇବା ଦ୍ୱାରା ଶରୀରରେ ଥିବା ବିଷାକ୍ତ ଦ୍ରବ୍ୟ ପରିସ୍ରା ଦେଇ ବାହାରିଯାଏ । ଉଷୁମ ପାଣି ପିଇଲେ ଶରୀରର ତାପମାତ୍ରା ବୃଦ୍ଧି ପାଏ । ଏହାଦ୍ୱାରା ଶରୀରରୁ ଝାଳ ବାହାରେ । ବିଷାକ୍ତ ଦ୍ରବ୍ୟ ଶରୀରରୁ ଝାଳ ଆକାରରେ ମଧ ବାହାରିଯାଏ । ପ୍ରତିଦିନ ଉଷୁମ ପାଣି ପିଇବା ଦ୍ୱାରା ଶୁଷ୍କ ତ୍ୱଚା କୋମଳ ହୋଇଥାଏ । ଉଷୁମ ପାଣିରେ ରକ୍ତ ସଂଚାଳନ ବୃଦ୍ଧି ହେତୁ ତ୍ୱଚାରେ ଚମକ୍ ଆସେ । ବିଶେଷ କରି ତ୍ୱଚାରୁ ମୃତ କୋଷକୁ ଦୂର କରି ନୂତନ କୋଷ ତିଆରି କରେ । ଯାହା ତ୍ୱଚାରେ ବୟସର ଛାପକୁ ପକାଇ ଦିଏନାହିଁ । ସକାଳ ବ୍ୟତୀତ ଦିନର ଅନ୍ୟ ସମୟରେ ଉଷୁମ ପାଣି ମଧ ଶରୀର ପାଇଁ ଗ୍ରହଣୀୟ । ତେବେ ମାତ୍ରାଧିକ ପାଣି ପିଇବା ଦ୍ୱାରା ବାନ୍ତି, ପତଳା ଝାଡ଼ା ସହ ଅନେକ ସମସ୍ୟା ସୃଷ୍ଟି କରିଥାଏ । ଗରମ ଖାଦ୍ୟ ଖାଇବା ପରେ ଉଷୁମ ପାଣି ପେଟରେ ସମସ୍ୟା ସୃଷ୍ଟି କରିପାରେ । ତେବେ ପେଟ ଭିତରର କୌଣସି କ୍ୟାନସର ଜନିତ ପୂର୍ବରୁ ସମସ୍ୟା ଥିଲେ ଏ କ୍ଷେତ୍ରରେ ଚିକିତ୍ସକଙ୍କ ପରାମର୍ଶ ଜରୁରୀ । ଓଡ଼ିଆରେ ଏକ ବହୁଳ ଆଲୋଚିତ ଧାଡ଼ିଟି ରହିଛି - 'ଜଳ ବହୁଳେ ସୃଷ୍ଟିନାଶ, ଜଳ ବିହୁନେ ସୃଷ୍ଟିନାଶ ।' ସେହିପରି ମାତ୍ରାଧିକ ଉଷୁମ ଅର୍ଥାତ୍ ଗରମ ପାଣି ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ସେହିପରି ଅତ୍ୟଧିକ ଥଣ୍ଡାପାଣି ମଧ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ଯେ କୌଣସି ବ୍ୟବହାରର ସର୍ବନିମ୍ନ ବା ସର୍ବାଧିକ ହିଁ କ୍ଷତିକାରକ । ତେଣୁ ସକାଳୁ ସର୍ବନିମ୍ନ ଭାବେ ବିଶୁଦ୍ଧ ସ୍ୱାସ୍ଥ୍ୟଗତ ପରିବେଶର ଉଷୁମ ଦୁଇଗ୍ଲାସ ପାଣି ଖୁବ ଭଲ । ପାଣି ଉଷୁମ କରିବା ଦ୍ୱାରା ଜଣେ ସେପରି ଅର୍ଥ ଖର୍ଚ୍ଚ କରିନଥାଏ । ସର୍ବନିମ୍ନ ଖର୍ଚ୍ଚରେ ସ୍ୱାସ୍ଥ୍ୟ ପାଇଁ ସଂଜ୍ଞିବନୀ ସାଜିଥିବା ଉଷୁମ ପାଣିକୁ ଆଦର କରନ୍ତୁ ଦେଖିବେ ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ ଅନେକ ସମସ୍ୟାର ମୁକାବିଲା ପାଇଁ ଦୃଢ଼ ପ୍ରାଚେରୀ ପରି କାର୍ଯ୍ୟ କରିବ । ଆପଣ ଅନେକ ଶାରୀରିକ ସମସ୍ୟାରୁ ମୁକ୍ତି ପାଇପାରିବେ ଏବଂ ଆପଣଙ୍କୁ ଏକ ଫୁର୍ତିଭରା ଆନନ୍ଦମୟ ଶରୀର ଯେ ଈଶ୍ୱରଙ୍କ ଶ୍ରେଷ୍ଠ ବରଦାନ ତାହା ଆପଣ ଯଥାର୍ଥ ଭାବେ ବୁଝିପାରିବେ ।

*ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

# ପାଳଭୂତ ଯେବେ ଫସଲ ଖାଏ

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)୨୦୨୫ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଦୁଇଥର ସ୍ଥଗିତ ରଖାଯାଇଛି । ଜୁଲାଇ ୧୯ତାରିଖରେ ଫେସବୁକରେ ଏକ ହାତଲେଖା ପ୍ରଶ୍ନପତ୍ର ଏବଂ ଉତର ଲିକ୍ ହୋଇଥିଲା, ଯାହାଫଳରେ ପ୍ରଥମ ଥର ପାଇଁ ଜୁଲାଇ ୨୦ ତାରିଖର ପରୀକ୍ଷା ବାତିଲ ହୋଇଥିଲାଏବଂଅଗଷ୍ଟ୩୧ତାରିଖ ପୁନଃନିର୍ଦ୍ଧାରିତ ସ୍ୱତନ୍ତ୍ର ପରୀକ୍ଷା ମଧ ସ୍ଥଗିତ ରଖାଯାଇଛି । ସେହିପରି ବିଚାର ବିଭାଗ ଭଳି ଦେଶର ସବୁଠାରୁ ନିର୍ଭରଯୋଗ୍ୟ ଅନୁଷ୍ଠାନ ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବାସଭବନରୁ ପୁଳାପୁଳା ଅଧପୋଡ଼ା ଟଙ୍କା ବାହାରିବା, ତିହାର ଜେଲର ନଅଜଣ ଅଧିକାରୀ କଏଦୀଙ୍କ ସହ ମିଶି ଟଙ୍କା ଆଦାୟ ଘଟଣା,ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ନିରାମୟ କାଉଣ୍ଟରରେ ଅତ୍ୟାବଶ୍ୟକ ଔଷଧ ଓ ରାଜ୍ୟରେ ସାରର ଗୁରୁତର ଅଭାବ, ଦେଶର ସବୁଠାରୁ ବ୍ୟୟସାପେକ୍ଷ ଶିକ୍ଷା ବ୍ୟବସ୍ଥାରୁ ମାତ୍ର ୧୫% ନିଯୁକ୍ତିଯୋଗ୍ୟ ବୈଷୟିକ ସ୍ନାତକଙ୍କ ଉପଲବ୍ଧତା,ଯୁବକଙ୍କ ପାଇଁ ନିଯୁକ୍ତିର ଅଭାବ,କୃଷକ ପାଇଁ ମଣ୍ଡି ଅନିୟମିତତା, ମନମୁଖୀ ଗ୍ରେଡିଂ ଏବଂ ମିଲରଙ୍କ ପ୍ରାଧାନ୍ୟ ଆଦି ଶିକ୍ଷା,ନ୍ୟାୟିକ ,ସ୍ୱାସ୍ଥ୍ୟ,ବୈଷୟିକ ଶିକ୍ଷା ଓ କୃଷିକ୍ଷେତ୍ରର ଅନିୟମିତ କାର୍ଯ୍ୟର ଗୋଟିଏ ଗୋଟିଏ ଜ୍ୱଳନ୍ତ ଉଦାହରଣ ।

ଜରୁରୀକାଳୀନ ଉପକରଣ ଯାଂ ଓ ପରିଚାଳନାଗତ ତ୍ରୁଟିର ଅନିୟମିତତା ଯୋଗୁଁ ୨୦୨୫ମସିହା ଜୁନମାସର ବିମାନ ଦୁର୍ଘଟଣା ଏବଂ ଜୁନ୍ ୨୯ ତାରିଖ ପୁରୀର ରଥଯାତ୍ରା ସମୟରେ ଦଳାଚକଟାରେ ତିନିଜଣଙ୍କର ମୃତ୍ୟୁ ଓ ନବରଙ୍ଗପୁର ଜିଲ୍ଲାର ଜୋବାଗୁଡ଼ା ଗାଁରେ ରାସ୍ତାର ଦୂରାବସ୍ଥା କାରଣରୁ ଜଣେ ଆଦିବାସୀ ମହିଳାଙ୍କ ଡାକ୍ତରଖାନାକୁ ଆସୁଥିବା ସମୟରେ ମୃତ୍ୟୁ ଇତ୍ୟାଦି ଦାୟିତ୍ୱହୀନତାର ଗୋଟିଏ ଗୋଟିଏ ନିଦର୍ଶନ ।ଏଗୁଡିକରୁ ସ୍ପଷ୍ଟ ଜଣାପଡୁଛି ଯେ ସ୍ୱାଧିନତାର ୭୮ବର୍ଷ ପରେବି ଅବ୍ୟବସ୍ଥିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ଶିଳ୍ପାୟନ,ନ୍ୟାୟିକ ଇତ୍ୟାଦି ବ୍ୟବସ୍ଥାର ପରିଚାଳନାଗତ ତ୍ରୁଟି ଆଜି ଭାରତର ପ୍ରଗତିରେ ଚରମ ବାଧା ସୃଷ୍ଟି କରିଛି ।ଏହାର କାରଣ ଓ ଉତରଦାୟୀତା ସମସ୍ତଙ୍କ ପାଇଁ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯାହା ଗୋଟିଏ ପ୍ରଚଳିତ ଶବ୍ଦ 'ପାଳଭୂତ'କୁ ଆଙ୍ଗୁଠି ନିର୍ଦ୍ଦେଶ କରେ । 'ପାଳ' ଶବ୍ଦର ଅର୍ଥ ପାଳି କିମ୍ବା ପରିବର୍ତନକୁ ବୁଝାଏ ।ପୁରାତନ କାଳରେ ଗାଁ ଲୋକମାନେ ନିଜ ନିଜର ସମ୍ପତି, ଶସ୍ୟର ଜଗାରଖା, ସାର୍ବଜନୀନ ସମାବେଶ, ପୂଜାର୍ଚ୍ଚନା ସମୟରେ ଭିଡ ନିୟନ୍ତ୍ରଣ ଏବଂ ହିଂସା ରୋକିବା, ରାତ୍ରି ଜଗୁଆଳୀ ଭାବରେ କାର୍ଯ୍ୟ କରିବାପାଇଁ ନିଜ ଭିତରେ ପାଳି କରି ଗ୍ରାମସ୍ତରୀୟ ପହରାର ବ୍ୟବସ୍ଥା କରୁଥିଲେ ସେଥିପାଇଁ ସେମାନଙ୍କୁ ପାଳଭୁତ କୁହାଯାଉଥିଲା । ଗୁପ୍ତଚରମାନଙ୍କ ଉପରେ ନଜର ରଖିବା ,ଫସଲ ଅମଳ ସମୟରେ ବିଶେଷକରି ଯେତେବେଳେ ଶସ୍ୟକ୍ଷେତ୍ର ଉତ୍ପାଦନକ୍ଷମ ଅବସ୍ଥାକୁ ଆସି ନଥାଏ ବା କଟାଯାଇଥିବା ଫସଲ ଚୋରିକୁ ରୋକିବା ବା ଫସଲକୁ ଗୋରୁ, ବୁଲା ପଶୁ କିମ୍ବା ଜଙ୍ଗଲୀ ପଶୁଙ୍କ ଠାରୁ ରକ୍ଷାକରିବା ସେମାନଙ୍କ କାର୍ଯ୍ୟ ଥିଲା । ପ୍ରତ୍ୟେକ ପାଳଭୂତ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ପାଳିକରି କାମ କରନ୍ତି । ବେଳେବେଳେ ଅସ୍ଥାୟୀ କୁଡ଼ିଆ ବା ମଂ ସ୍ଥାପନ କରି କିମ୍ବା କ୍ଷେତରେ ଏକ ଉଚ୍ଚସ୍ଥାନରେ ଶୋଇ ଟର୍ଚ୍ଚ, ବାଡ଼ି ଏବଂ ଖାଦ୍ୟ ଓ କେତେକ ସମୟରେ ସାଥୀ କୁକୁର ସହିତ ସେମାନଙ୍କର କାର୍ଯ୍ୟ ନିର୍ବାହ କରନ୍ତି । ଯଦି ତାଙ୍କ କର୍ତବ୍ୟ ସମୟରେ କୌଣସି କ୍ଷତି ହୁଏ, ତେବେ ସେ ସମୟରେ ପାଳଭୂତଙ୍କୁ କର୍ତବ୍ୟରେ ଅବହେଳା ପାଇଁ ଦାୟୀ କରାଯାଏ । ଏପରି ବ୍ୟବସ୍ଥାର ପରିବର୍ତନ ହେବାପରେ ବ୍ୟକ୍ତିଗତ ସ୍ତରରେ ନିଜର ଫସଲକୁ ରକ୍ଷା କରିବାପାଇଁ ଗୋଟିଏ କାଠ ପିତୁଳାର ସୃଷ୍ଟି କରାଯାଇଥିଲା ପାଳଭୂତ , ଯାହାର ମଣିଷ ମୁଣ୍ଡ ଭାବରେ ଚିତ୍ରିତ ହାଣ୍ଡିଟିଏ ରଖାଯାଉଥିଲା ଓ ବାଉଁଶଶରୀରରେ ପୋଷାକ ଆଚ୍ଛାଦିତ କରି ଶସ୍ୟ କ୍ଷେତ୍ରରେ ସ୍ଥାପନ କରାଗଲା, ଯାହା କେବଳ ପଶୁ କିମ୍ବା ପକ୍ଷୀମାନଙ୍କୁ ଭୟ କରାଇବାକୁ ଉଦ୍ଦିଷ୍ଟ ଥିଲା, ତାର କିଛି କର୍ତବ୍ୟ ବା ଦାୟିତ୍ୱବୋଧତା ନଥିଲା ,କାରଣ ତାହା ଜୀବନ୍ତ ନଥିଲା । ଭାରତ ସ୍ୱାଧୀନ ହେବା ପରେ, ନାଗରିକଙ୍କ ମନରେ ଆଶା ଥିଲା ଯେ ସ୍ୱାଧୀନତା ଭାରତର ଜନତାଙ୍କ ପାଇଁ ସମୃଦ୍ଧି,ନ୍ୟାୟ ଏବଂ ସମ୍ମାନର ସୁଯୋଗ ଆଣିବ । ରାଜନୈତିକ ସୁଯୋଗବାଦ, ବ୍ୟବସ୍ଥାଗତ ଦୁର୍ନୀତି ଏବଂ ଦୁର୍ବଳ ଉତରଦାୟିତ୍ୱର ମିଶ୍ରଣ ପ୍ରାୟତଃ ଲୋକମାନଙ୍କୁ ପ୍ରତିଶୃତି ଦିଆଯାଇଥିବା ଶାସନ ଏବଂ ସେବାର ଗୁଣବତା ପାଇବାରେ ବାଧା ସୃଷ୍ଟି କରିଚାଲିଛି । ରାଜନୈତିକ ଦଳଗୁଡ଼ିକ ପ୍ରାୟତଃ ମାଗଣା ବିଦ୍ୟୁତ, ନିଶ୍ଚିତ ଚାକିରି, ଉନ୍ନତ ସ୍ୱାସ୍ଥ୍ୟସେବା, ସମସ୍ତଙ୍କ ପାଇଁ ବାସଗୃହ,ରାସ୍ତାଘାଟ ଇତ୍ୟାଦିର ପ୍ରତିଶ୍ରୁତି ଦ୍ୱାରା ଭୋଟପାଇ ଶାସନକୁ ଆସନ୍ତି ।ବାସ୍ତବତାକୁ ପ୍ରକାଶ ନକରି ଦୁର୍ବଳ ତଦାରଖ ବ୍ୟବସ୍ଥା ଯୋଗୁ ମୌଳିକ ସେବା ପ୍ରଦାନ କରିବାରେ ବିଫଳ ହୁଅନ୍ତି । ଫଳରେ ଜନସାଧାରଣ ଏବେବି ପୋଷଣଯୁକ୍ତ ଖାଦ୍ୟ, ସ୍ୱଚ୍ଛ ପାନୀୟଜଳ, ଦୁର୍ଘଟଣାମୁକ୍ତ ରାସ୍ତା, ଗୁଣାତ୍ମକ ଶିକ୍ଷା ଏବଂ ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟ ଓ ନ୍ୟାୟସେବା ପାଇବାଠାରୁ ବହୁ ଦୂରରେ । ଦୀର୍ଘକାଳୀନ ଭିତିଭୂମି ନିର୍ମାଣ ପରିବର୍ତ ? କ୍ଷଣସ୍ଥାୟୀ ଯୋଜନା ଦ୍ୱାରା ଲୋକମାନଙ୍କୁ ଖୁସି ଦେଇ ପରବର୍ତୀ ସମୟରେ ନିର୍ବାଚନୀ ବୈତରଣୀ ପାର ହେବା ଉପରେ ଧ୍ୟାନ ଦିଆଯାଏ କାରଣ ତାହାହିଁ ସତ୍ୟ । ଜାତି, ଧର୍ମ କିମ୍ବା ଅଂଳ ଉପରେ ଆଧାରିତ ତୁଷ୍ଟୀକରଣ ରାଜନୀତିଦ୍ୱାରା ସାର୍ବଜନୀନ ବିକାଶକୁ ଅଣଦେଖା କରି କ୍ଷମତା ସୁରକ୍ଷିତ କରିବାର ଏକ ଉପକରଣ ହୋଇଯାଇଛି । ଦଳଗୁଡ଼ିକ ସ୍ଥାନୀୟ ସ୍ୱାୟତ ଶାସନକୁ ସଶକ୍ତ କରିବା ପରିବର୍ତ ? ସମ୍ବଳଗୁଡ଼ିକୁ ନିୟନ୍ତ୍ରଣ କରି ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ପରିବର୍ତ ? ତୁରନ୍ତ ଲୋକପ୍ରିୟତା ପାଇଁ ମାଗଣା ଦାନ, ଋଣ ଛାଡ ଇତ୍ୟାଦି ଅନେକ ଲୋଭନୀୟ ଯୋଜନାରେ ଲୋକଙ୍କୁ ବାନ୍ଧିରଖନ୍ତି । ମାତ୍ର ସରକାରୀ କର୍ମଚାରୀ ସେମାନଙ୍କ ଦାୟିତ୍ୱ ସମ୍ପାଦନ ନକଲେ ସେମାନଙ୍କୁ କିଛି କୁହାଯାଏ ନାହିଁ । ସେମାନେ କାଠପିତୁଳା ଭଳି ପାଳଭୂତ ଭାବରେ କାର୍ଯ୍ୟ କରନ୍ତି । ଉତରଦାୟୀ ସରକାର ବା ସରକାରୀ କର୍ମଚାରୀ ତାହା ଜନସାଧାରଣଙ୍କ ବୁଝିବାର ବହୁ ଉର୍ଦ୍ଧରେ । କାର୍ଯ୍ୟରେ ଅବହେଳା କରୁଥିବା ପ୍ରକୃତ ଦୋଷୀକୁ ଧରି ଦଣ୍ଡ ଦେବାପାଇଁ ନ୍ୟାୟିକ ବ୍ୟବସ୍ଥା ଏତେ ଲମ୍ବା ଯେ ସରକାର ପରେ ସରକାର ଆସିଲେବି ଦୋଷୀକୁ ଦଣ୍ଡ ମିଳେନାହିଁ,ତେଣୁ ଏହି ସଚଳ ପାଳଭୂତମାନେ ବିନା ଉତରଦାୟୀତାରେ ଗାଢ ନିଦ୍ରାରେ ଶୋଇପଡନ୍ତି ।

ଏ ବ୍ୟବସ୍ଥାର ସମୂଳ ପରିର୍ବିନ ପାଇଁ କେତେଗୁଡିଏ ନିର୍ଦ୍ଦିଷ୍ଟ ଦିଗକୁ ବିଚାର କରାଯାଇପାରେ । ସ୍ୱଚ୍ଛ ନିର୍ବାଚନ କମିଶନ ଦଳଗୁଡ଼ିକୁ ଇସ୍ତାହାରରେ ମାପଯୋଗ୍ୟ ଲକ୍ଷ୍ୟ ଦାଖଲ କରିବାକୁ ବାଧ କରିବା ଉଚିତ ଏବଂ ଏକ ସ୍ୱାଧୀନ ସଂସ୍ଥା ବାର୍ଷିକ ପ୍ରଗତି ରିପୋର୍ଟ ପ୍ରକାଶ କରିବା ସହିତ ମିଥ୍ୟା ପ୍ରତିଶ୍ରୁତି ପାଇଁ ଦଣ୍ଡ ଓ ଜୋରିମାନା କିମ୍ବା ଅଯୋଗ୍ୟ ଘୋଷଣା କରି ସେପରି ବ୍ୟକ୍ତି ବା ଦଳକୁ ପରବର୍ତୀ


ଡ.ବିମଳ ଷଡଙ୍ଗୀ

ସମୟରେ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଅନୁମତି ନଦେବା ଉଚିତ । ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡିକ କୌଣସି ଅର୍ଥ ବ୍ୟୟ କରିବା ଅନୁଚିତ ।ଶାସନରେ ସ୍ୱଚ୍ଛତା ବାଧ୍ୟତାମୂଳକ ହେବା ସହିତ ସମସ୍ତ ଯୋଜନା, ବଜେଟ୍ ଏବଂ ପ୍ରକଳ୍ପ ସମୟ ସୀମା ଗୁଡ଼ିକର ବାସ୍ତବ ସମୟ ଓ ପ୍ରଗତି ରିପୋର୍ଟ ସାର୍ବଜନୀନ ଭାବରେ ଅନଲାଇନରେ ମିଳିବା ଉଚିତ । ସାଂସ୍କୃତିକ ଏବଂ ବ୍ୟବସ୍ଥାଗତ ପରିବର୍ତନର ବିକାଶ ସହିତ ସାର୍ବଜନୀନ ପାଣ୍ଠି ଆବ[ନକୁ ଆବଶ୍ୟକତା ଭିତିକ ମାନଦଣ୍ଡ ସହିତ ସଠିକ ଭାବରେ ଯୋଡ଼ି ଭୋଟ-ବ୍ୟାଙ୍କ ରାଜନୀତି ଶେଷ କରିବା ଉଚିତ ଯାହା ଫଳରେ ଲୋକମାନେ ମାଗଣା କିମ୍ବା ପରିଚୟ ରାଜନୀତି ନୁହେଁ ବରଂ କାର୍ଯ୍ୟଦକ୍ଷତା ତଥ୍ୟ ଆଧାରରେ ଭୋଟ୍ ଦେଇପାରିବେ । ପ୍ରଶାସନିକ ସଂସ୍କାର, ସମୟସୀମାବଦ୍ଧତା, ସେବା ଗ୍ୟାରେ[ ଆଇନ ସହିତ ପ୍ରତ୍ୟେକ ସେବାର ଏକ ନିର୍ଦ୍ଦିଷ୍ଟ ସମୟ ସୀମା ରହିଥାଏ, ବିଳମ୍ବପାଇଁ ଅଧିକାରୀଙ୍କ ଦରମାରୁ ଅର୍ଥ କଟାଯାଇପାରିବ । ସମସ୍ତ କାର୍ଯ୍ୟ ପାଇଁ ଡିଜିଟାଇଜେସନ, ବିଳମ୍ବ ଏବଂ ଦୁର୍ନୀତିର ପରିସର ହ୍ରାସ କରିବା ପାଇଁ ଇ-ଟେଣ୍ଡରିଂ, ଅନଲାଇନ୍ ଅଭିଯୋଗ ସମାଧାନ ଏବଂ ସ୍ୱୟଂଚାଳିତ କାର୍ଯ୍ୟପ୍ରବାହର ଯାଚ କରାଯିବା ଉଚିତ ।ନାଗରିକ ସଶକ୍ତିକରଣ, ସାମାଜିକ ଅଡିଟ୍ ଏବଂ ଲୋକଙ୍କ ଦ୍ୱାରା ସେମାନଙ୍କ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ତ୍ରୈମାସିକ ଜନଶୁଣାଣୀ ଅଧିବେଶନରେ ପ୍ରକାଶ କରାଯିବା ଉଚିତ ଯେଉଁଠାରେ ଅଧିକାରୀ ଏବଂ ସ୍ଥାନୀୟ ପ୍ରତିନିଧିମାନେ ନାଗରିକମାନଙ୍କୁ ସିଧାସଳଖ ଉତରି ଦେବାକୁ ବାଧହେବେ । ସରକାରୀ ଚାକିରିଆଙ୍କୁ ଛାଡିଦେଲେ ଆଉ ଗୋଟିଏ ଗୋଷ୍ଠୀ ଯେଉଁମାନେ ଜନସାଧାରଣଙ୍କୁ ବହୁ ଅଧିକ କ୍ଷତି ପହଂାନ୍ତି ସେମାନେ ହେଲେ ଘରୋଇ ଅନୁଷ୍ଠାନକୁ ପରିଚାଳନା କରୁଥିବା ବେପାରୀ । ସରକାରଙ୍କ ସହିତ ସେମାନଙ୍କର ମଧୁର ସମ୍ପର୍କ ।ସେମାନେ ଚଂକତାର ସହିତ ଜନସାଧାରଣଙ୍କୁ ଅଧିକ ଶୋଷଣ କରନ୍ତି । ନିର୍ବାଚନ ସମୟରେ ପାଣ୍ଠି ଯୋଗାଡ ସେମାନଙ୍କର ଦାୟିତ୍ୱ । ତେଣୁ ସେମାନେ ସରକାରଙ୍କ ବାହୁଛାୟାତଳେ ଜନତାଙ୍କୁ ଲୁଟ କରନ୍ତି । ନିମ୍ନ ଗୁଣବତା ସେବା ପ୍ରଦାନ, ଦ୍ରବ୍ୟ ଉତ୍ପାଦନ, ସ୍ୱଳ୍ପ ଦରମାରେ ନିଯୁକ୍ତି ,ଚଢ଼ା ଦାମରେ ଦ୍ରବ୍ୟ ବିକ୍ରି ,ବିକ୍ରିକରରେ ଠକେଇ,ରୋଜଗାର କରରେ ଠକେଇ, ସର୍ବସାଧାରଣ ସମ୍ପତି ହଡପ ଇତ୍ୟାଦି ସେମାନଙ୍କ ବହୁମୁଖୀ କାର୍ଯ୍ୟ ।ସେମାନଙ୍କପାଇଁ ଉତରଦାୟିତାର ଅର୍ଥ କିଛି ନଥାଏ । ତେଣୁ ସେମାନେ ମଧ ଜନତାଙ୍କ ସମ୍ମୁଖରେ ଉତରଦାୟୀ ହେବା ଉଚିତ । ପ୍ରତ୍ୟେକ କାର୍ଯ୍ୟପାଇଁ ସେମାନେ ସାଧାରଣ ଜନତାଙ୍କୁ ଉତର ଦେବାକୁ ବାଧ । ପ୍ରତି ସମୟରେ ସେମାନଙ୍କ କାର୍ଯ୍ୟକୁ ଅଡିଟ ମାଧମରେ ଲୋକଲୋଚନକୁ ଆଣିବା ସହିତ ଅନୀତି ,ଅନ୍ୟାୟ କରୁଥିବା ସଂସ୍ଥା ବା ବ୍ୟକ୍ତି ବିଶେଷଙ୍କୁ ଦଣ୍ଡ ଦେବା ଜରୁରୀ ।

ସ୍ୱାଧୀନତା ପରେ ପାଳଭୂତ ପରମ୍ପରା ପ୍ରାୟ ଉଠିଯାଇଛି ।ମାତ୍ର ତାର ଅନ୍ୟ ଗୋଟିଏ ରୂପ ହେଉଛି ଜନସାଧାରଣଙ୍କ ସେବା ଦାୟିତ୍ୱ ପାଇଁ ଅର୍ଥ ନେଉଥିବା ସମସ୍ତ ଅଧିକାରୀ, ଶାସନାଧୀଶ,ନ୍ୟାୟାଧୀଶ ଇତ୍ୟାଦି । ସେମାନେ ହିଁ ଆଧୁନିକ ପାଳଭୂତ ଯେଉଁମାନଙ୍କ ପାଇଁ ଉିରଦାୟିତା ବାଧ୍ୟତା ମୂଳକ ହେବା ଜରୁରୀ । ଏବେ ସମୟ ବଦଳିବାକୁ ଆରମ୍ଭ ହୋଇଛି ,କୃତ୍ରିମ ବୁଦ୍ଧିମତାର ଯୁଗରେ ଲୋକାଭିମୁଖୀ କାର୍ଯ୍ୟପାଇଁ ସେମାନଙ୍କର ଦାୟିତ୍ୱବୋଧତା, ଉିରଦାୟିତ୍ୱ,ସଚ୍ଚୋଟତାକୁ ଜନସାଧାରଣ ବୁଝିବାକୁ ଆରମ୍ଭ କଲେଣି । ରାଜନୈତିକ ନେତା ବା ସେମାନଙ୍କ ଅଧିନସ୍ଥ କର୍ମଚାରୀ ବା ବେପାରୀ ସମସ୍ତଙ୍କୁ ମାନିବାକୁ ପଡିବ ସେମାନେ ଲୋକଙ୍କ ସେବାପାଇଁ ସମର୍ପିତ ଶୋଷଣ ପାଇଁ ନୁହଁ । ସଚଳ ପାଳଭୂତ ହିସାବରେ ସେମାନେ ଜନତାଙ୍କୁ ସୁରକ୍ଷା ଦେବାକୁ ଉତରଦାୟୀ । ଯଦି ପାଳଭୂତ ଫସଲ ଖାଇବା ଆରମ୍ଭ କରେ ତେବେ ଜନତା ଅସୁରକ୍ଷିତ ।

*ମୋ-୯୪୩୭୧୨୩୮୯୨*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
Bhubaneswar Friday September 19 | ଭୁବନେଶ୍ୱର ଶୁକ୍ରବାର, ୧୯, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


## କିମ୍ସ ମେଡିକାଲ୍ କଲେଜର ବାର୍ଷିକ ସାଂସ୍କୃତିକ ଉତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର, (ପି.ଏନ): ମେଡିକାଲ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସର୍ଜନଶୀଳତା, ନବସର୍ଜନା ଏବଂ ପ୍ରତିଭାର ପ୍ରଦର୍ଶନ ନିମନ୍ତେ ଆଜି କିମ୍ସ ମେଡିକାଲ୍ କଲେଜର ବାର୍ଷିକ ସାଂସ୍କୃତିକ ଉତ୍ସବ କାର୍ଡେ ବ୍ଲାଞ୍ଚେର ୧୪ ତମ ସଂସ୍କରଣ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଉଦ୍‌ଘାଟନ କରି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଭବିଷ୍ୟତର ଡାକ୍ତରମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇ କହିଲେ ଡାକ୍ତର ଭାବେ ଜଣେ ଛାତ୍ର ଯେତେ ଲୋକପ୍ରିୟ ହୁଅନ୍ତୁ ନା କାହିଁକି, ଜଣେ ଭଲ ମଣିଷ ହେବାକୁ ସର୍ବଦା ଚେଷ୍ଟା କରିବା ଉଚିତ । କିଟ୍ ହେଉଛି ସର୍ଜନଶୀଳତା ଓ ନବସର୍ଜନା ପ୍ରୋତ୍ସାହନର ସର୍ବୋତ୍ତମ ପ୍ଲାଟଫର୍ମ । ଡାକ୍ତରୀ ଛାତ୍ରଛାତ୍ରୀ ଜଣେ ଜଣେ ଅଲରାଉଣ୍ଡର ହେବାକୁ ଚେଷ୍ଟା କରନ୍ତୁ ବୋଲି ସେ କହିଥିଲେ । ଏହି ଅବସରରେ, କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର ସୁବ୍ରତ ଆଚାର୍ଯ୍ୟ କହିଲେ, କାର୍ଡେ ବ୍ଲାଞ୍ଚେ ଭଳି କାର୍ଯ୍ୟକ୍ରମ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ପାରିପାର୍ଶ୍ୱିକ ଚିନ୍ତାଧାରା, ଚାପମୁକ୍ତି ଏବଂ ସର୍ବଦା ସେମାନଙ୍କ ସହିତ ରହିପାରୁଥିବା ଆବେଗର ବିକାଶ ପାଇଁ ସୁଯୋଗ ପ୍ରଦାନ କରିଥାଏ । କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା ଆର.ସି. ଦାସ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଆନୁଷ୍ଠାନିକ ପାଠ୍ୟକ୍ରମ ବ୍ୟତୀରକେ ସେମାନଙ୍କ ମଧ୍ୟରେ ଥିବା ସର୍ଜନଶୀଳତାର ପରିପ୍ରକାଶ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ସେ କହିଲେ, 'ଆମେ ତୁମକୁ ଡାକ୍ତରୀ ଶିକ୍ଷାଦାନ କରୁଛୁ, କିନ୍ତୁ ଆମେ ଚାହୁଁଛୁ, ତୁମେମାନେ ସବୁବେଳେ ସର୍ଜନଶୀଳ ଅନୁସନ୍ଧିତ୍ସୁ ହେବା ସହ ମାନବିକ ମୂଲ୍ୟବୋଧ ଆଧାରରେ ଚିକିତ୍ସା ସେବା ଯୋଗାଇଦିଅ । କିମ୍ସ ଉପକୁଳପତି ପ୍ରଫେସର ସି. ବି. କେ. ମହାନ୍ତି କହିଲେ, ପ୍ରତିଭା ହେଉଛି ଏକ ଜନ୍ମଗତ ଗୁଣ । ସମସ୍ତଙ୍କ ନିକଟରେ କିଛି ନା କିଛି ପ୍ରତିଭା ରହିଛି । ସେହି ପ୍ରତିଭାକୁ ଚିହ୍ନି କାର୍ଯ୍ୟକାରୀ କରିପାରିଲେ ସେ ଜଣେ ଭଲ ମଣିଷ ହୋଇପାରିବ ବୋଲି ସେ କହିଥିଲେ । କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରତଜିତ ସିଂହ କହିଲେ, ଡାକ୍ତରମାନେ ବହୁ ପ୍ରତିଭାର ଅଧିକାରୀ । ଡାକ୍ତରମାନଙ୍କଠାରେ ସେମାନଙ୍କ ବୃତ୍ତି ବ୍ୟତୀତ ଅନ୍ୟାନ୍ୟ ପ୍ରତିଭା ମଧ୍ୟ ରହିଥିବା ଦେଖାଯାଏ । ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିମ୍ସ ହସ୍‌ପିଟାଲ୍ ଅଧୀକ୍ଷକ ଡା. ମାନସ ବେହେରା, କିଟ୍ ଡେଣ୍ଟାଲ୍ କଲେଜର ଅଧ୍ୟକ୍ଷ ଡା ଅଶ୍ୱିନୀ କରଙ୍କ ସମେତ ମେଡିକାଲ୍ କଲେଜର ବିଭିନ୍ନ ବିଭାଗର ମୁଖ୍ୟ ଓ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ । ବାର୍ଷିକ ସାଂସ୍କୃତିକ ମହୋତ୍ସବରେ କିମ୍ସ ମେଡିକାଲ୍ କଲେଜ, ଡେଣ୍ଟାଲ୍, ଫାର୍ମାସୀ, ଫିଜିଓଥେରାପି ଓ ଅନ୍ୟ ଡାକ୍ତରୀ ଶିକ୍ଷା ବିଭାଗର ଛାତ୍ରଛାତ୍ରୀ ଯୋଗଦେଇ ଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଆଇନସେବା ପ୍ରାଧିକରଣ ରାୟଗଡା ଦ୍ୱାରା ଆଇନ ସଚେତନତା ଶିବିର

ଭୁବନେଶ୍ୱର,(ପି.ଏନ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ତଥା ଜିଲ୍ଲା ଟୀରା ଜଜ୍ ଶ୍ରୀ ସତ୍ୟନାରାୟଣ ଷଡଙ୍ଗୀ ଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ଙ୍କ ଅଧ୍ୟକ୍ଷତାରେ ଅଦ୍ୟ ତା-୧୮.୦୯.୨୦୨୫ ରିଖ ଗୁରୁବାର ଦିନ ଘ. ୧୨.୦୦ମି ରେ ସ୍ଥାନୀୟ ରାୟଗଡା ମହିଳା ମହାବିଦ୍ୟାଳୟ ପରିସରରେ "ଝବଲରଗ୍ଧଛ କ୍ଟଭ ଝକ୍ଟମସବକ୍ଷ ଗରୟସବ ଚକ୍ଷବଗ୍ଧଲକ୍ଟକ୍ସଙ୍କ ୫ ଉଛଭରକ୍ସ କ୍ଷବଙ୍ଗଗ୍ଧ" ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ରାୟଗଡା ଥାନାର ସାଇବର ଇନ୍ସପେକ୍ଟର ଶ୍ରୀ ଅଭିନାସ ରେଡି, ରାୟଗଡା ବାର ଆସୋସିଏସନର ଓକିଲ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ପ୍ରଣ୍ଟ ଅଫିସ ରିଟେନର ଶ୍ରୀ ବିଶ୍ୱନାଥ ଗନ୍ତାୟତ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ପାନେଲ ଓକିଲ ଶ୍ରୀ



ଦେବରାଜ ନାୟକ, ରାୟଗଡା ମହିଳା ମହାବିଦ୍ୟାଳୟ ର ଅଧ୍ୟକ୍ଷା ଙ୍କ ସମେତ ଛାତ୍ରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ଓ ସାଇବର ଥାନାର ଇନ୍ସପେକ୍ଟର ଶ୍ରୀ ଅଭିନାସ ରେଡି ନିଜର ବକ୍ତବ୍ୟରେ କିପରି ନିଜକୁ ସାମାଜିକ ଗଣମାଧ୍ୟମ ରୁ ସୁରକ୍ଷା କରିବା, ସାଇବର ଆଇନ, ଅନଲାଇନ ରୁ କିପରି ଠକାମି ର ଶିକାର ନହେବା ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ଓ ସେହିପରି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ଅନଲାଇନ ରେ ଠକାମିର ଶିକାର ହେଲେ ସେମାନଙ୍କ ପାଇଁ ବ୍ୟବସ୍ଥା ଓ ସେମାନଙ୍କ ପାଇଁ ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ ଓ ସେହିପରି ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ ନିଜର ବକ୍ତବ୍ୟରେ ସାଇବର ଆଇନ ଓ ତାର ସୁରକ୍ଷା ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ଓ ସର୍ବୋପରି ଏହି କାର୍ଯ୍ୟକ୍ରମରେ ମହିଳା ମହାବିଦ୍ୟାଳୟ, ରାୟଗଡା ର ଛାତ୍ରୀ ଓ ଓ ମାନ୍ୟବର ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନ ଉପଲକ୍ଷେ ମୋଦୀ ଅରଣ୍ୟ ବାଟିକାର ଶୁଭାରମ୍ଭ

ବାଲିଅନ୍ତା ,(ପି.ଏନ) : ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ଅଧୀନସ୍ଥ ସୁଦର୍ଶନ ଦାରୁ ପୀଠରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଜୀ ଯେଉଁ 'ଏକ୍ ପେଡ୍ ମା କେ ନାମ୍' ବା 'ମା ପାଇଁ ଗଛଟିଏ' ଅଭିଯାନ ଆରମ୍ଭ କରିଛନ୍ତି, ତାହା ଦ୍ୱାରା ଜନ୍ମଦାତ୍ରୀ ମାତା ଓ ଧରିତ୍ରୀ ମାତା ପ୍ରତି ଆମେ ଆମର ମୌଳିକ ଦାୟିତ୍ୱ ପ୍ରତି ସଚେତନ ହୋଇପାରିଛୁ ଏବଂ ଆଜି ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି । ମୋଦୀଜୀଙ୍କ ୭୫ତମ ଜନ୍ମଦିନରେ ଓଡ଼ିଶାବାସୀ ୭୫ ଲକ୍ଷ ଗଛ ଲଗାଇ ତାଙ୍କୁ ଏକ ଜନ୍ମ ଦିନର ଶୁଭେଚ୍ଛା ସଶ୍ରଦ୍ଧ



ଉପହାର ଦେବା ପାଇଁ ନିଷ୍ପତ୍ତି ପରିପ୍ରେକ୍ଷୀରେ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ସୁଦର୍ଶନ ଦାରୁ ପୀଠ ଠାରେ 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିଅନ୍ତା ବ୍ଲକ ବିଡ଼ିଓ ରଶ୍ମିତା ନାଥ, ସରପଞ୍ଚ ରମଲତା ନାୟକ, ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ଉଦ୍ୟାନ ବିଭାଗ ସହ ଅଧିକାରିଣୀ ପଦ୍ମିନୀ ବଳ, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ଉମାଦେଇ ବ୍ରହ୍ମପୁର କାର୍ଯନିର୍ବାହୀ ଅଧିକାରୀ ଅଜିତି କୁମାର ଶତପଥୀ, ଏଡିଓ ନିରଞ୍ଜନ ଦଳେଇ, ପ୍ରିୟବ୍ରତ ପାତ୍ର ଓ ଲକ୍ଷ୍ମଣ ଜେନାଙ୍କ ସହିତ ଅଞ୍ଚଳବାସୀ ଯୋଗଦେଇ ବୃକ୍ଷରୋପଣ କରାଯାଇଥିଲା । ଯେଉଁ ସ୍ଥାନରେ ବୃକ୍ଷ ରୋପଣ କରାଯାଇଛି ତାହାକୁ ମୋଦୀ ଅରଣ୍ୟ ବାଟିକା ନାମରେ ନାମିତ କରାଯିବ ସହ ଆମ୍ବ, ନଡ଼ିଆ, ପଣସ, ଓଉ ଇତ୍ୟାଦି ବୃକ୍ଷ ରୋପଣ କରାଯାଇଛି ।

## ହିନ୍ଦୁ ଏକତା ମଞ୍ଚ ଭାରତର ରାଜ୍ୟ ସଭାପତି ପ୍ରଦୀପ୍ତ କୁମାର ଜେନାଙ୍କ ଏକ ପ୍ରେସ ବାର୍ତ୍ତା

ଭୁବନେଶ୍ୱର,(ପି.ଏନ): ହିନ୍ଦୁ ଏକତା ମଞ୍ଚ ଭାରତର ରାଜ୍ୟ ସଭାପତି ପ୍ରଦୀପ୍ତ କୁମାର ଜେନା ଏକ ପ୍ରେସ ବାର୍ତ୍ତା ଜରିଆରେ ପ୍ରକାଶ କରିଛନ୍ତି ଯେ ସାମାଜିକ ଗଣ ମଧ୍ୟମରୁ ଆମେ କିଛି ଦିନ ଧରି ଦେଖିବାକୁ ପାଉଥିଲୁ ଯେ ବଡ଼ଚଣା ଥାନାର ଭାରପ୍ରାପ୍ତ ଅଧିକାରିଣୀ ଶ୍ରୀମତୀ ମଧୁସ୍ମିତା ବେହେରା ଅବୈଧ ଗୋଚାଲାଣ ବିରୁଦ୍ଧରେ କାମ କରୁଥିଲେ ଓ ଅନେକ ଗୋମାତା ଙ୍କୁ ଗୋ ମାଫିଆ ମାନଙ୍କ କବଳରୁ ଉଦ୍ଧାର କରି ସେମାନଙ୍କୁ ଗିରଫ କରୁଥିଲେ । ହଠାତ ତାଙ୍କର ବଦଳି ହୋଇଯିବା ଓ ଏ ଖବର ପ୍ରସାରିତ ହେବା ପରେ ପରେ ଶହ ଶହ ଗୋ ରକ୍ଷକ ଭାଇ ମାନେ ଥାନା ସମ୍ମୁଖରେ ଅନଶନ ଓ ପ୍ରତିବାଦ କରିବା ଘଟଣା ଥାନା ଅଧିକାରିଣୀଙ୍କ ଗୋ ସୁରକ୍ଷା କଥାର ସତ୍ୟତା ଓ ସ୍ୱଚ୍ଛତା ଜଣା ପଡିଥିଲା । ବଦଳି ର ଦିନେ ଦୁଇଦିନ ପରେ ପୁଣି ଗଣ ମାଧ୍ୟମରୁ ଜାଣିବାକୁ ପାଇଲୁ ଯେ ଥାନା ଅଧିକାରିଣୀଙ୍କୁ କାର୍ଯ୍ୟ ରୁ ନିଲମ୍ବିତ କରାଯାଇଛି । ଗୋ ରକ୍ଷକ ଭାଇ ମାନଙ୍କୁ ନିଲମ୍ବନ ର କାରଣ ପଚାରିବାରେ ସେମାନେ କହନ୍ତି ଯେ ଗୋ ମାଫିଆ ମାନେ ରାଜନେତା ମାନଙ୍କୁ ମୋଟା ଅଙ୍କରେ ଅର୍ଥ ଦେଇ ଥାନା ଅଧିକାରିଣୀଙ୍କ ନାଁ ରେ ମିଥ୍ୟା ଅଭିଯୋଗ ଆଧାରରେ ପୋଲିସ ପ୍ରଶାସନ ଉପରେ ଚାପ ପ୍ରୟୋଗ କରି ତାଙ୍କୁ ବଦଳି ଓ ପରେ ପରେ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ଗୋ ମାଫିଆ ମାନେ ଦେଖିଲେ ଯଦି ଥାନା ଅଧିକାରିଣୀ ଏଭଳି ଅବୈଧ ଗୋଚାଲାଣ ବିରୁଧରେ କାମ କରନ୍ତି ତାହେଲେ ସେମାନଙ୍କ ବେପାର ଠପ ହେଇଯିବ, ସେଥିପାଇଁ ସେମାନେ ଗୋଟିଏ ତିନିମାସ. ତଳର ଅଭିଯୋଗ କୁ ରାଜ ନେତା ମାଧ୍ୟମରେ ପୋଲିସ ପ୍ରଶାସନ ଙ୍କ ଦୃଷ୍ଟି କୁ ଆଣିବାରେ ତାଙ୍କ ବିରୁଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ହିନ୍ଦୁ ଏକତା ମଞ୍ଚ ଭାରତ ର ସଭାପତି ଶ୍ରୀ ଜେନା ଜେନା ଦୃଢ଼ ଭାବରେ ଦାବୀ କରନ୍ତି ଯେ ଥାନା ଅଧିକାରିଣୀ ଙ୍କ ବିରୁଧରେ ଯଦି କିଛି ଠୋସ ପ୍ରମାଣ ଅଛି ଓ ଏହି ପ୍ରମାଣ ଆଧାରରେ ତାଙ୍କୁ ନିଲମ୍ବିତ କରାଯାଇଛି ସେ ସମ୍ପର୍କରେ ତାଙ୍କର କିଛି କହିବାର ନାହିଁ ଆଉ ଯଦି ମିଥ୍ୟା ଅଭିଯୋଗରେ କିମ୍ବା ସତ୍ୟା ସତ୍ୟ ଉଦଘାଟନ କରାନ ଯାଇ ତାଙ୍କ ବିରୁଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ ତାହେଲେ ହିନ୍ଦୁ ସଂଗଠନ କେବେ ନୀରବ ରହିବ ନାହିଁ । ଯଦି ବି ଅଭିଯୋଗ ର ସତ୍ୟତା ଥାଏ ତାହେଲେ ତୁରନ୍ତ ଥାନା ଅଧିକାରିଣୀଙ୍କ ନିଲମ୍ବନ ଆଦେଶ କୁ ପ୍ରତ୍ୟାହାର କରାଯାଇ ତାଙ୍କୁ ପୁନଃ ଅବସ୍ଥାପିତ କରାଯାଉ. କାରଣ ସେ ଅବୈଧ ଗୋ ଚାଲାଣ ବିରୁଧରେ କାର୍ଯ୍ୟ କରି ହିନ୍ଦୁ ଧର୍ମ ଓ ସଂସ୍କୃତି ର ସୁରକ୍ଷା ଦେଉଥିଲେ । ଯଦି ତାଙ୍କ ବିରୁଧରେ ଥିବା ନିଲମ୍ବନ ଆଦେଶ ତୁରନ୍ତ ପ୍ରତ୍ୟାହାର ନ ହୁଏ ତାହେଲେ ଗୋ ମାଫିଆ ମାନେ ରାଜ୍ୟରେ ସକ୍ରିୟ ହେବେ ଓ ଅବାଧ ଗୋ ଚାଲାଣ କରାଯିବ.. । ଅନ୍ୟ କୌଣସି ଥାନା ବାବୁ ମାନେ ଗୋ ଚାଲାଣ ବିରୁଧରେ କାର୍ଯ୍ୟ କରିବାକୁ ସାହସ କରିବେ ନାହିଁ କାରଣ ସାମାଜିକ ଗଣ ମାଧ୍ୟମରେ ପ୍ରସାରିତ ହୋଇଛି ଯେ ଗୋ ଚାଲାଣ ବିରୁଧରେ କାମ କରୁଥିବାରୁ ଥାନା ଅଧିକାରିଣୀଙ୍କୁ ମିଥ୍ୟା ଅଭିଯୋଗ ରେ କାର୍ଯ୍ୟ ରୁ ବଦଳି ଓ ପରେ ପରେ ନିଲମ୍ବିତ କରାଯାଇଛି. ଏ ଘଟଣା ର ପ୍ରକୃତ ସତ୍ୟା ସତ୍ୟ ଜାଣିବା ପାଇଁ ଖୁବ ଶୀଘ୍ର ଗୋଟିଏ ପ୍ରତିନିଧି ମଣ୍ଡଳୀ ରାଜ୍ୟ ସଭାପତି ଶ୍ରୀ ଜେନା ଙ୍କ ଅଧକ୍ଷତାରେ ପୋଲିସ ମହାନିର୍ଦ୍ଦେଶକ ଓଡିଶା ଙ୍କୁ ଭେଟିବା ସହିତ ମୁଖ୍ୟମନ୍ତ୍ରୀ ଙ୍କୁ ଏକ ଦାବୀ ପତ୍ର ଦିଆଯିବାକୁ ସ୍ଥିର କରାଯାଇଛି ପୋଲିସ ପ୍ରଶାସନ ଯଦି ଏ ଘଟଣା ର. ଅଣ ଦେଖା କରନ୍ତି ତାହେଲେ ଆଗାମୀ ଦିନରେ ହିନ୍ଦୁ ଏକତା ମଞ୍ଚ ଭାରତ ସମସ୍ତ ଛୋଟ ବଡ଼ ହିନ୍ଦୁ ସଂଗଠନ ମାନଙ୍କୁ ସାଥିରେ ନେଇ ରାଜ ରାସ୍ତା କୁ ଓହ୍ଲାଇବାକୁ ବାଧ ହେବ ।

## କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ପାଇଁ ସରକାର ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ କରନ୍ତୁ : ଓଡିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ଦାବି

କୋରାପୁଟ,(ପି.ଏନ): କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ପାଇଁ ସରକାର ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ କରିବାକୁ ଓଡିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନ ପକ୍ଷରୁ ଦାବି ହୋଇଛି । କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ର ପ୍ରାଙ୍ଗଣରେ ସଂଗଠନର ସାଧାରଣ ପରିଷଦ ବୈଠକରେ ଓଡିଶାର ବିଭିନ୍ନ ସ୍ଥାନରୁ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯାଉ, ସରକାରୀ ସ୍ୱୀକୃତି ପାଇଁ ଆବେଦନ କରିଥିବା ସମ୍ବାଦପତ୍ରଗୁଡିକୁ କୋହଳ ମନୋଭାବ ପ୍ରକାଶ କରି ସରକାରୀ ସ୍ୱୀକୃତି ପ୍ରଦାନ କରାଯାଉ, ସ୍ୱୀକୃତି ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ, ଓଡିଶାରେ ସାମ୍ବାଦିକ ଓ ସମ୍ପାଦକମାନଙ୍କ ପାଇଁ ପେନସନ ଓ ସୁରକ୍ଷା ଆଇନ ପ୍ରଣୟନ କରାଯାଉ, ସମ୍ପାଦକମାନଙ୍କୁ ଟୋଲ ଗେଟମାନଙ୍କରେ ନିଃଶୁଳ୍କ ଯାତାୟାତର ବ୍ୟବସ୍ଥା କରାଯାଉ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଓଡିଆ ସମ୍ବାଦପତ୍ରଗୁଡିକ ପ୍ରତି ବିଜ୍ଞାପନ ପ୍ରଦାନ କ୍ଷେତ୍ରରେ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରାଯାଉ, ସାମ୍ବାଦିକ ଅଧିସ୍ୱୀକୃତି କମିଟିକୁ କାର୍ଯ୍ୟକ୍ଷମ କରିବା ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇ ରାଜ୍ୟ



ସରକାରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଆସନ୍ତା ଦୁର୍ଗାପୂଜା ପରେ ଉପରୋକ୍ତ ଦାବିଗୁଡିକର ସମାଧାନ ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଯୋଗ ଦେଇଥିବା ସମ୍ପାଦକ ଓ ପ୍ରକାଶକମାନେ ଏହି ସଂଗଠନକୁ ଏକ ରାଷ୍ଟ୍ରୀୟ ସଂଗଠନରେ ପରିଣତ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଏ ସମ୍ପର୍କରେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପ୍ରସ୍ତାବ ଗୃହିତ ହୋଇଥିଲା । ସଂଗଠନର ଅଧ୍ୟକ୍ଷ ତଥା ନବୀନର ସମ୍ପାଦକ ରବି ରଥ ଓ ସଂଗଠନର ମୁଖ୍ୟ ଉପଦେଷ୍ଟା ବିନୋଦ ମହାପାତ୍ରଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଠଗନର ରାଜ୍ୟ ସଭାପତି ବଂଶୀଧର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ ଯୋଗଦେଇ ଏହି ସଂଗଠନର ଇତିହାସ ଓ କାର୍ଯ୍ୟକଳାପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସମ୍ପାଦକମାନଙ୍କ ଦାବି ଯୁକ୍ତିଯୁକ୍ତ ହୋଇଥିବାରୁ ଏ ସମ୍ପର୍କରେ ରାଜ୍ୟ ସରକାର ହସ୍ତକ୍ଷେପ କରିବା ଉଚିତ ବୋଲି କହିଥିଲେ । ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ର ତାଙ୍କ ବକ୍ତବ୍ୟରେ ସମ୍ବାଦପତ୍ରଗୁଡିକର ଅନୁମୋଦନ ପାଇଁ ଏକ ସ୍ୱଚ୍ଛ ନୀତି ପ୍ରଣୟନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସାଧାରଣ ସମ୍ପାଦକ ଜ୍ୟୋତି ରଂଜନ ମହାପାତ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ । ସଂଗଠନର ମୁଖ୍ୟ ଉପଦେଷ୍ଟା ବିନୋଦ ମହାପାତ୍ର, ସଂଗଠନ ସମ୍ପାଦକ ଜଗଦୀଶ ମିଶ୍ର, ଅକ୍ଷୟ କୁମାର ନାୟକ, ଉପସଭାପତି ଅକ୍ଷୟ କୁମାର ନାୟକ, ସହ ସମ୍ପାଦକ ସ୍ୱଦେଶ ଦାଶ ଓ ରମାକାନ୍ତ ପରିଜା ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଣେଶ ଚନ୍ଦ୍ର ବିଷୋୟୀ, ପ୍ରକାଶ ଚନ୍ଦ୍ର ଖଟୋଇ, ତପନ କୁମାର ପତି, ଚିତ୍ତରଂଜନ ସ୍ୱାଇଁ, ଅନିଲ କୁମାର ସାହୁ, ସରୋଜ ରଂଜନ ପଟ୍ଟନାୟକ, ସୁଶାନ୍ତ କୁମାର ସାହୁ, ସଂଜୟ କୁମାର ଓଝା, ବିଷ୍ଣୁପ୍ରିୟା ସାହୁ, ସତ୍ୟ ନାରାୟଣ ନାୟକ, ବାବୁଲି ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇ ସମ୍ପାଦକମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପିତ କରିଥିଲେଛ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୪୦ରୁ ଉର୍ଦ୍ଧ୍ୱ ସମ୍ପାଦକ, ପ୍ରକାଶକ ଯୋଗ ଦେଇଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray